# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

## (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପ-ବିଭାଗ)

ପତ୍ର ସଂଖ୍ୟା ୪୧୮୫ /୧୫ ତା. ୨୬ .୧୨.୨୦୧୫

## TGT ଶିକ୍ଷା ସହାୟକ/ସହାୟିକା ନିଯୋଜନ ବିଜ୍ଞାପନ

**କୋରାପୁଟ ରାଜସ୍ୱ ଜିଲ୍ଲାର** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ଆଶ୍ରମ ବିଦ୍ୟାଳୟମାନଙ୍କରେ ଆବଶ୍ୟକ TGT ଶିକ୍ଷା ସହାୟକ ନିଯୋଜନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । କୋରାପୁଟ ଜିଲ୍ଲା ତଥା ଅନ୍ୟାନ୍ୟ ଜିଲ୍ଲାର ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ କୋରାପୁଟ ଜିଲ୍ଲା ପାଇଁ ଆବେଦନ କରିପାରିବେ । ଏଥି ପାଇଁ ଆବେଦନ ପତ୍ର ସହିତ ପ୍ରାର୍ଥୀ/ ପ୍ରାର୍ଥୀନୀ କୋରାପୁଟ ଜିଲ୍ଲା ପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ(Affidavit) ସଂଲଗ୍ନ କରିବେ । **ପରବର୍ତ୍ତୀ ସମୟରେ ଯଦି ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଆବେଦନ କରିଥିବା ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ଆବେଦନ କରିଥିବା ପ୍ରମାଣିତ ହୁଏ ତେବେ ପ୍ରାର୍ଥୀଙ୍କର ଆବେଦନ ପତ୍ର ବିଚାରକୁ ନ ନିଆଯାଇ ନାକଚ କରି ଦିଆଯିବ । ସାର୍ଟିଫିକେଟ୍ ଜାଲ୍ ବୋଲି ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଯୁକ୍ତି ରଦ୍ଦ କରାଯିବ ।** ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସାଧା କାଗଜରେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ ପତ୍ର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟରେ ଆସନ୍ତା **ତା.୨୦.୦୧.୨୦୧୬ ରିଖ** ସୁଦ୍ଧା ରେଜେଷ୍ଟ୍ରୀ /Speed ଡ଼ାକ ରେ ଦାଖଲ କରିବା ଆବଶ୍ୟକ । ତୃଟିପୂର୍ଣ୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟଙ୍କୁ ସଂବୋଧିତ କରିବା ଆବଶ୍ୟକ ।

ଏହି TGT ଶିକ୍ଷା ସହାୟକ ନିଯୋଜନ ପାଇଁ ବିଭିନ୍ନ ଶ୍ରେଣୀର **(Category)** ପଦବୀ ସଂଖ୍ୟା ଏବଂ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ସଂଖ୍ୟା ନିମ୍ନରେ ପ୍ରଦତ୍ତ କରାଗଲା ।

| Sl. No. | Category of Post of S.S. | Total No. of Vacancy | S.T. | S.T. (W) | S.C. | S.C. (W) | S.E.B.C. | S.E.B.C. (W) | U.R. | U.R. (W) | Reserved for PH |
|---|---|---|---|---|---|---|---|---|---|---|---|
| 01. | B.Sc.B.Ed. | 45 | 7 | 5 | 5 | 2 | 3 | 3 | 16 | 4 | VI-1 HI-1 |
| 02. | B.A.B.Ed. (Social Sciences) | 30 | 5 | 1 | 3 | 1 | 3 | 2 | 11 | 4 | VI-1 |
| 03. | B.A.B.Ed. (Language) | 35 | 4 | 3 | 3 | 2 | 4 | 1 | 13 | 5 | HI-1 |

ଏହାର 150% ଭାଗ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯିବ ଯାହା ବର୍ଷକ ପାଇଁ ବୈଧ ରହିବ । ଏହି ଯୋଗ୍ୟ ବିବେଚିତ ଅସ୍ଥାୟୀ ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା (Provisional & Final Select List) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ମଙ୍ଗଳ ବିଭାଗ)ରେ ନୋଟିସ୍ ବୋର୍ଡରେ ଏବଂ **ଜିଲ୍ଲା ୱେବ୍ ସାଇଟ୍** www.koraput.nic.inରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ । TGT ଶିକ୍ଷା ସହାୟକମାନେ ଜିଲ୍ଲାପାଳଙ୍କ ଦ୍ୱାରା ନିଯୋଜିତ ହେବେ ।

୨. **ଶିକ୍ଷାଗତ ଯୋଗ୍ୟତା : ନିମ୍ନଲିଖିତ ଯୋଗ୍ୟତା ଥାଇ ପ୍ରାର୍ଥୀ/ପ୍ରାର୍ଥୀନୀ ଯେ କୌଣସି ଗୋଟିଏ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଅନୁଯାୟୀ ଆବେଦନ କରିପାରିବେ ।**

(କ) ସ୍ନାତକରେ ବିଜ୍ଞାନ ଯୋଗ୍ୟତା ଥାଇ ଅନ୍ୟୁନ ଶତକଡ଼ା ୫୦ ମାର୍କ ପାଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ,ଗଣିତ କିମ୍ବା ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ବିଷୟ ରଖି ଉତ୍ତୀର୍ଣ୍ଣ ହୋଇଥିବେ , HSC ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଥାଇ ବି.ଏଡ୍. ତାଲିମ୍ପ୍ରାପ୍ତ (Recognized by NCTE) ଏବଂ **ଓ.ଟି.ଇ.ଟି.** ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

କିମ୍ବା

ସ୍ନାତକ ବିଜ୍ଞାନରେ ଯୋଗ୍ୟତା ଥାଇ ଅନ୍ୟୁନ ଶତକଡ଼ା ୫୦ ମାର୍କ ପାଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ,ଗଣିତ କିମ୍ବା ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ବିଷୟ ରଖି HSC ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଥାଇ Rehabilitation Council of India (RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟକ୍ରମରେ ବି.ଏଡ୍.ତାଲିମ (1 year B.Ed. Special Education) ପ୍ରାପ୍ତ ହୋଇଥିବା ଆବଶ୍ୟକ ଏବଂ ପ୍ରାର୍ଥୀମାନଙ୍କର ମଧ୍ୟ RCI Registration Certificate ଥିବା ସଙ୍ଗେ ସଙ୍ଗେ **ଓ.ଟି.ଇ.ଟି.** ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(ଖ) ସ୍ନାତକରେ କଳା ଯୋଗ୍ୟତା ଥାଇ ଅନ୍ୟୁନ ଶତକଡ଼ା ୫୦ ମାର୍କ ପାଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀ, ସାମାଜିକ ବିଜ୍ଞାନ ବିଷୟ ରଖି ଉତ୍ତୀର୍ଣ୍ଣ ହୋଇଥିବେ, HSC ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଥାଇ ବି.ଏଡ୍. ତାଲିମ୍‌ପ୍ରାପ୍ତ (Recognized by NCTE) ଏବଂ **ଓ.ଟି.ଇ.ଟି.** ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

କିମ୍ବା

ସ୍ନାତକ କଳା ଯୋଗ୍ୟତା ଥାଇ ଅନ୍ୟୁନ ଶତକଡ଼ା ୫୦ ମାର୍କ ପାଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀ, ସାମାଜିକ ବିଜ୍ଞାନ ବିଷୟ ରଖି HSC ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଥାଇ Rehabilitation Council of India (RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟକ୍ରମରେ ବି.ଏଡ୍.ତାଲିମ (1 year B.Ed. Special Education) ପ୍ରାପ୍ତ ହୋଇଥିବା ଆବଶ୍ୟକ ଏବଂ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କର RCI Registration Certificate ଥିବା ସଙ୍ଗେ ସଙ୍ଗେ **ଓ.ଟି.ଇ.ଟି.** ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(ଗ) ସ୍ନାତକରେ କଳା ଯୋଗ୍ୟତା ଥାଇ ଅନ୍ୟୁନ ଶତକଡ଼ା ୫୦ ମାର୍କ ପାଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀ, ଐଚ୍ଛିକ ଭାଷା- ଓଡ଼ିଆ କିମ୍ବା ଇଂରାଜୀ ବିଷୟ ରଖି ଉତ୍ତୀର୍ଣ୍ଣ ହୋଇଥିବେ, HSC ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଥାଇ ବି.ଏଡ୍. ତାଲିମ୍‌ପ୍ରାପ୍ତ (Recognized by NCTE) ଏବଂ **ଓ.ଟି.ଇ.ଟି.** ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

କିମ୍ବା

ସ୍ନାତକରେ କଳା ଯୋଗ୍ୟତା ଥାଇ ଅନ୍ୟୁନ ଶତକଡ଼ା ୫୦ ମାର୍କ ପାଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀ, ଐଚ୍ଛିକ ଭାଷା- ଓଡ଼ିଆ କିମ୍ବା ଇଂରାଜୀ ବିଷୟ ରଖି ଉତ୍ତୀର୍ଣ୍ଣ ହୋଇଥିବେ, HSC ପର୍ଯ୍ୟନ୍ତ ଓଡ଼ିଆ ମାତୃଭାଷା ଥାଇ Rehabilitation Council of India (RCI) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟକ୍ରମରେ ବି.ଏଡ୍.ତାଲିମ (1 year B.Ed. Special Education) ପ୍ରାପ୍ତ ହୋଇଥିବା ଆବଶ୍ୟକ ଏବଂ ପ୍ରାର୍ଥୀମାନଙ୍କର ମଧ୍ୟ RCI Registration Certificate ଥିବା ସଙ୍ଗେ ସଙ୍ଗେ **ଓ.ଟି.ଇ.ଟି.** ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

*** ବିଜ୍ଞାନ କିମ୍ବା କଳାରେ ସ୍ନାତକ କରିଥିବା ଏବଂ ଓ.ଟି.ଇ.ଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅଣତାଲିମ୍‌ପ୍ରାପ୍ତ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସଂପୃକ୍ତ ପଦବୀ ପାଇଁ ଆବେଦନ କରିପାରିବେ । ଯଦି ସଂପୃକ୍ତ ପଦବୀ ପାଇଁ ଆବଶ୍ୟକ ସଂଖ୍ୟକ ତାଲିମପ୍ରାପ୍ତ ପ୍ରାର୍ଥୀ (ବିଜ୍ଞାନ କିମ୍ବା କଳା) ନ ମିଳନ୍ତି, ଅଣତାଲିମ୍‌ପ୍ରାପ୍ତ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ନିଯୁକ୍ତିକୁ ବିଚ଼ାରକୁ ନିଆଯିବ ।**

ସମସ୍ତ ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ /ପ୍ରାର୍ଥୀନୀ ନିୟୋଜିତ ହେବାପରେ ନିଜ ଖର୍ଚ୍ଚରେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ଭିତରେ ତାଲିମ ପ୍ରାପ୍ତ ହେବେ ବୋଲି Undertaking ଦେବେ ।

୩. **ବୟସ ସୀମା:** ପ୍ରାର୍ଥୀମାନଙ୍କର ବୟସ ତା. **୦୧.୦୧.୨୦୧୫** ରିଖ ସୁଦ୍ଧା ୩୫ ବର୍ଷରୁ ଅଧିକ ହୋଇନଥିବ କିମ୍ବା ୧୮ ବର୍ଷରୁ କମ୍ ହୋଇନଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି ଓ ଜନଜାତି, ପୂର୍ବତନ ସାମରିକ କର୍ମଚ଼ାରୀ, ମହିଳା ପ୍ରାର୍ଥୀ ଏବଂ ଏସ.ଇ.ବି.ସି. ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ । ସେହିପରି ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୧୦ ବର୍ଷ କୋହଳ ହେବ ।

୪. **ନିୟୋଜନ:** TGT ଶିକ୍ଷା ସହାୟକମାନେ ବାର୍ଷିକ ଚୁକ୍ତି ଅନୁଯାୟୀ ଏହି ବିଭାଗର ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ନିୟୋଜିତ (ଏନଗେଜମେଣ୍ଟ) ହେବେ । ନିୟୋଜନ ପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଜିଲ୍ଲାପାଳ ଓ ଶିକ୍ଷା ସହାୟକଙ୍କ ମଧ୍ୟରେ ଷ୍ଟାମ୍ପ କାଗଜ ମାଧ୍ୟମରେ ନିର୍ଦ୍ଧାରିତ ଫର୍ମରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯିବ ।

୫. **କର୍ମନିୟୋଜନ ସଂସ୍ଥାରେ ପଞ୍ଜିକରଣ ପ୍ରମାଣପତ୍ର:** ବି.ଇ.ଡ଼ି. ପ୍ରାର୍ଥୀ/ପ୍ରାର୍ଥୀନୀ ବାଣୀବିହାର, ଜ୍ୟୋତିବିହାର ଓ ଭଞ୍ଜବିହାର (ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ)ଥିବା ସ୍ୱତନ୍ତ୍ର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ କିମ୍ବା ଭୁବନେଶ୍ୱରରେ ଥିବା ଷ୍ଟେଟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜିକରଣ କରିଥିବାର ବୈଧ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ ।

୬. **ସଂରକ୍ଷଣ ବ୍ୟବସ୍ଥା:** ଓ.ଆର୍.ଭି. ଆକ୍ଟ ସଙ୍ଗେ ସଙ୍ଗେ ପୂର୍ବତନ ସାମରିକ କର୍ମଚାରୀ (Ex- Servicemen), ଭିନ୍ନକ୍ଷମ (Handicapped) ଏବଂ କ୍ରୀଡ଼ା କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଅର୍ଜନ କରିଥିବା ବ୍ୟକ୍ତି (Eminent Sports Personnel)ଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ସଙ୍କଳିତ ସଂରକ୍ଷଣ ନିୟମ ଲାଗୁ କରାଯିବ । ମହିଳା ପ୍ରାର୍ଥୀନୀଙ୍କ ପାଇଁ ସଂପୃକ୍ତ ବର୍ଗର 33.1/3 ପ୍ରତିଶତ ସଂରକ୍ଷଣ ଲାଗୁହେବ । ଭିନ୍ନକ୍ଷମ ପ୍ରାର୍ଥୀ /ପ୍ରାର୍ଥୀନୀମାନଙ୍କ ପାଇଁ ସାଧାରଣ ପ୍ରଶାସନ ବିଭାଗ ସଂକଳ୍ପ ସଂଖ୍ୟା ୨୫୩୮୪/ସାଧାରଣ ପ୍ରଶାସନ ତା. ୨୦.୦୯.୨୦୦୫ରିଖ ଅନୁଯାୟୀ ଏବଂ ଓଡ଼ିଶା ଗେଜେଟ୍ ନୋଟିଫିକେସନ୍ ନଂ ୧୭୦୨୫ ତା. ୨୪.୦୬.୨୦୧୪ରିଖ ପ୍ରକାରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ।

୭. ଭିନ୍ନକ୍ଷମ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ Appellate Medical Boardଙ୍କ ଦ୍ୱାରା ଭିନ୍ନକ୍ଷମର ଯାଞ୍ଚ ହେବା ପରେ ଯୋଗ୍ୟବିବେଚିତ ହୋଇଥିବା ପ୍ରାର୍ଥୀ /ପ୍ରାର୍ଥୀନୀମାନଙ୍କୁ ନିୟୋଜିତ କରାଯିବ ।

୮. TGT ଶିକ୍ଷା ସହାୟକମାନଙ୍କୁ ମାସିକ ଟ. ୫,୨୦୦/-ପାରିଶ୍ରମିକ ଆକାରରେ ଦିଆଯିବ ।

୯. ସାଧାରଣ ଓ ଏସ୍.ଇ.ବି.ସି. ପ୍ରାର୍ଥୀ /ପ୍ରାର୍ଥୀନୀମାନେ ଆବେଦନ ପତ୍ର ସହ ଟ. ୧୦୦/- ର I.P.O. ଦେୟ ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟଙ୍କ ନାମରେ ପୈଠ କରିବା ଆବଶ୍ୟକ ।

୧୦. ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ କରାଯାଇପାରିବ । ଦରଖାସ୍ତ ସହ HSC ଠାରୁ ଆବେଦନ କରିଥିବା ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ମାର୍କ ତାଲିକାର ଅବିକଳ ନକଲ (ଆଟେଷ୍ଟେଡ୍ କପି) କର୍ମନିୟୋଜନ ସଂସ୍ଥା ପଞ୍ଜିକରଣ ପ୍ରମାଣପତ୍ର, ଜାତିଗତ ଏବଂ ଆବାସିକ ପ୍ରମାଣପତ୍ର, ଭିନ୍ନକ୍ଷମ ହୋଇଥିଲେ ତାର ଅବିକଳ ପ୍ରମାଣପତ୍ର, ପ୍ରାର୍ଥୀଙ୍କର ୨ କିତା ବର୍ତ୍ତମାନର ସହିମୋହର ପାସପୋର୍ଟ ଆକାର ଫଟୋ, ଟ. ୧୦୦/- ର I.P.O. (କେବଳ ସାଧାରଣ ଓ ଏସ୍.ଇ.ବି.ସି. ପ୍ରାର୍ଥୀ /ପ୍ରାର୍ଥୀନୀମାନେ) ଏବଂ କେବଳ କୋରାପୁଟ ଜିଲ୍ଲା ପାଇଁ ଆବେଦନ କରିଛନ୍ତି ବୋଲି ସତ୍ୟପାଠ(Affidavit) ଇତ୍ୟାଦିର ସଂଯୋଗ ନଥିଲେ ଆବେଦନ ପତ୍ରଟିକୁ ଖାରଜ କରିଦିଆଯିବ ।

ଜିଲ୍ଲାପାଳ, କୋରାପୁଟ

# TGT ଶିକ୍ଷା ସହାୟକ/ସହାୟିକା ପଦ ପାଇଁ ଆବେଦନ ପତ୍ର

୧- ଯେଉଁ ଜିଲ୍ଲାରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ :

୨- ଯେଉଁ ପଦବୀରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ :

୩- ପ୍ରାର୍ଥୀଙ୍କର ସଂପୂର୍ଣ୍ଣ ନାମ :

୪- ପିତା କିମ୍ବା ସ୍ୱାମୀଙ୍କର ନାମ :

୫- ବର୍ତ୍ତମାନର ଠିକଣା :

୬- ସ୍ଥାୟୀ ଠିକଣା :

୭- ଜନ୍ମ ତାରିଖ (ପ୍ରମାଣ ପତ୍ରର ଅବିକଳ ନକଲ ସଂଯୁକ୍ତ କରିବେ)

୮- ପ୍ରାର୍ଥୀ /ପ୍ରାର୍ଥୀନୀ କେଉଁ ବର୍ଗର ଅଟନ୍ତି :

୯- ଓ.ଟି.ଇ.ଟି (OTET) ସାର୍ଟିଫିକଟ ନଂ :

୧୦- ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ମାର୍କସିଟର ଅବିକଳ ନକଲ :

| କ୍ର. ନଂ. | ଶିକ୍ଷାଗତ ଯୋଗ୍ୟତା | ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାମାନଙ୍କର ନାମ | ଶିକ୍ଷାନୁଷ୍ଠାନର ନାମ | ବୋର୍ଡ / ବିଶ୍ୱବିଦ୍ୟାଳୟର ନାମ | ଉତ୍ତୀର୍ଣ୍ଣ ବର୍ଷ | ପରୀକ୍ଷାରେ ଥିବା ମୋଟ ନମ୍ବର | ପରୀକ୍ଷାରେ ପାଇଥିବା ମୋଟ ନମ୍ବର | % ନମ୍ବର |
|---|---|---|---|---|---|---|---|---|
| ୧ | ହାଇସ୍କୁଲ୍ ସାର୍ଟିଫିକେଟ୍ (HSC) | | | | | | | |
| ୨ | ସ୍ନାତକ (କଳା/ବିଜ୍ଞାନ) | | | | | | | |
| ୩ | ପ୍ରଶିକ୍ଷଣ (CT/B.Ed./Spl. B.Ed.) | | | | | | | |

୧୧- କର୍ମନିଯୋଜନ କେନ୍ଦ୍ରର ନାମ ଏବଂ ରେଜିଷ୍ଟ୍ରେସନ ସଂଖ୍ୟା ଓ ତାରିଖ :
(ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ )

୧୨- ଜାତିଗତ ପ୍ରମାଣପତ୍ର (ଗତ ୬ ମାସ ମଧ୍ୟରେ ସଂପୃକ୍ତ ଅଧିକାରୀଙ୍କ :
ଠାରୁ ପ୍ରାପ୍ତ ହୋଇଥିବା ପ୍ରମାଣପତ୍ରର ଅବିକଳ ନକଲ ସଂଯୋଗ କରିବେ)

୧୩- ଭିନ୍ନକ୍ଷମ ପ୍ରମାଣପତ୍ର (ଅବିକଳ ପ୍ରମାଣପତ୍ର ସଂଯୋଗ କରିବେ) :

୧୪- ଆବାସିକ ପ୍ରମାଣପତ୍ର (ଅବିକଳ ପ୍ରମାଣପତ୍ର ସଂଯୋଗ କରିବେ) :

୧୫- କେବଳ କୋରାପୁଟ ଜିଲ୍ଲା ପାଇଁ ଆବେଦନ କରିଥିବାର ସତ୍ୟପାଠ:[(Affidavit in Original) ସଂଯୋଗ କରିବେ]

୧୬- ଅଣତାଲିମ ପ୍ରାପ୍ତ ପ୍ରାର୍ଥୀ /ପ୍ରାର୍ଥୀନୀ ନିଜ ଖର୍ଚ୍ଚରେ ଭାରତ ସରକାରଙ୍କ ନିର୍ଦ୍ଧାରିତ ସମୟ ସୀମା ଭିତରେ ତାଲିମ ପ୍ରାପ୍ତ ହେବ ବୋଲି Undertaking ଦେବେ ।

୧୭- ପୂର୍ବତନ ସାମରିକ କର୍ମଚାରୀମାନେ ସାମରିକ କର୍ମଚାରୀ ଥିବାର ପ୍ରମାଣ ପତ୍ରର ଅବିକଳ ନକଲ

୧୮- କ୍ରୀଡ଼ାବିତ୍‌ମାନେ କ୍ରୀଡ଼ା ନିର୍ଦ୍ଦେଶକଙ୍କ ପ୍ରଦତ୍ତ (Identity Card) ର ଅବିକଳ ନକଲ ।

୧୯- ଓ.ଟି.ଇ.ଟି (OTET) ସାର୍ଟିଫିକେଟ୍ ଦାଖଲ କରିବେ ।

ତାରିଖ :

ସ୍ଥାନ :

ଆବେଦନକାରୀଙ୍କର ସ୍ୱାକ୍ଷର